ଧରିତ୍ରୀ
DHARITRI
ଗୁରୁବାର, ୧୨ ମେ, ୨୦୨୨



## ସଂକ୍ଷେପରେ

### କାଜାମ ମଦାନି ଉମରକୋଟ ବିଧାୟକଙ୍କ ବ୍ଲକ ପ୍ରତିନିଧି



ଉମରକୋଟ,୧୧।୫(ସ୍ୱ.ପ୍ର.)- ରାଜ୍ୟ ଭାଜପା ସଂଖ୍ୟା ଲଘୁ ଉପ ସଭାପତି କାଜାମ ମଦାନି ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡଙ୍କ ଉମରକୋଟ ବ୍ଲକ ପ୍ରତିନିଧି ମନୋନୀତ ହୋଇଛନ୍ତି। ଏ ନେଇ ବିଧାୟକ ଉମରକୋଟ ବିଡିଓଙ୍କୁ ଚିଠି ସଂଖ୍ୟା ୩୯/୨୦୨୨ ଅନୁଯାୟୀ ଅବଗତ କରାଇଛନ୍ତି। ବ୍ଲକ ପ୍ରତିନିଧି ମନୋନୀତ କରାଯାଇଥିବାରୁ କାଜାମ ମଦାନି ଉମରକୋଟ ବିଧାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି। ଦଳୀୟ କର୍ମୀମାନେ ମଧ ମଦାନିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ନାବାଳିକା ଅପହରଣ ମାମଲାରେ ଅଭିଯୁକ୍ତ ଗିରଫ



**ଚନ୍ଦାହାଣ୍ଡି,୧୧।୫(ଡି.ଏନ୍.ଏ.):** ଜଣେ ନାବାଳିକାଙ୍କୁ ଅପହରଣ କରିବା ଅଭିଯୋଗରେ ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଉକ୍ତ ଥାନା ଅଞ୍ଚଳର ଦଶରଥ କଟା। ଦଶରଥ ୨୦୨୧ ଡିସେମ୍ବର ୬ ରେ ନାବାଳିକାକୁ ଅପହରଣ କରିଥିବା ନେଇ ଚନ୍ଦାହାଣ୍ଡି ଥାନାରେ ୧୬୧/୨୧ରେ ଏକ ମାମଲା ରୁଜୁ ହୋଇଥିଲା। ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତ ଆନ୍ଧ୍ର ପ୍ରଦେଶରେ ରହୁଥିବା ଜାଣିବାକୁ ପାଇଥିଲା। ବୁଧବାର ଦଶରଥ ଆନ୍ଧ୍ର ପ୍ରଦେଶରୁ ଘରକୁ ଫେରୁଥିବା ପୋଲିସ ସୂଚନା ପାଇ ଥାନା ଅଧିକାରୀ ପରମାନନ୍ଦ ସୁନାନୀଙ୍କ ନିର୍ଦ୍ଦେଶ କ୍ରମେ ପୋଲିସ ଟିମ୍ ନବରଙ୍ଗପୁରଠାରେ ଅପେକ୍ଷା କରିଥିଲେ। ବସ୍‌ରୁ ଓହ୍ଲାଇବା ପରେ ଦଶରଥଙ୍କୁ ଗିରଫ କରାଯାଇଥିବା ତଦନ୍ତକାରି ଅଧିକାରୀ ଶିବ ପ୍ରସାଦ ମହାନ୍ତି ସୂଚନା ଦେଇଛନ୍ତି। ଚଢ଼ାଉବେଳେ ଏଏସ୍‌ଆଇ ଶିବ ପ୍ରସାଦ ମହାନ୍ତିଙ୍କ ସମେତ କନଷ୍ଟେବଲ ବାବୁଲା ନାୟକ ଏବଂ ଗୃହରକ୍ଷୀ ନରସିଂହ ମାଝି ଉପସ୍ଥିତ ଥିଲେ।

### ଅବକାରୀ ଚଢ଼ାଉ, ୨ ଗିରଫ



ଡାବୁଗାଁ,୧୧।୫(ଡି.ଏନ୍.ଏ.): ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ବିଭିନ୍ନ ଗ୍ରାମରେ ଅବକାରୀ ବିଭାଗ ପକ୍ଷରୁ ବୁଧବାର ଚଢ଼ାଉ କରାଯାଇ ବିପୁଳ ପରିମାଣର ମଦ ଜବତ କରାଯିବା ସହ ପୋଚ ନଷ୍ଟ କରାଯାଇଛି। ଏଥିରେ ସମ୍ପୃକ୍ତ ୨ ଅଭିଯୁକ୍ତ ହୃଦାନନ୍ଦ ଠାକୁର ଓ ସବିତା କଲାରଙ୍କୁ ଗିରଫ କରାଯାଇଛି।ନବରଙ୍ଗପୁର ଜିଲା ଅବକାରୀ ଏସ୍‌ପି ସନ୍ତୋଷ ଧଳସାମନ୍ତଙ୍କ ନିର୍ଦ୍ଦେଶ କ୍ରମେ ଉମରକୋଟ ଅବକାରୀ ଇନ୍ସପେକ୍ଟର ହରିହର ସିଂଙ୍କ ତତ୍ତ୍ୱାବଧାନରେ ଡାବୁଗାଁ ଅବକାରୀ ବିଭାଗ ପକ୍ଷରୁ ଡାବୁଗାଁ ଥାନା ଅଧୀନ ପୂଜାରିଗୁଡ଼ା, ସରାଗୁଡ଼ା, ଚିଚିବାଇ, ମେଦନା ଗ୍ରାମରେ ଚଢ଼ାଉ କରାଯାଇ ରୋଷେଇ ପାଇଁ ରହିଥିବା ୫୦ ଲିଟର ଦେଶୀ ମଦ ଓ ୭୦୦ ଲିଟର ମହୁଲ ପୋଚ ଜବତ କରାଯାଇ ନଷ୍ଟ କରାଯାଇଛି। ଡାବୁଗାଁ ଅବକାରୀ ଏସ୍‌ଆଇ ବିଜୟ ଭୂଷଣ ନାୟକ ଓ କୁଶ ଜାଲ, ଏଏସ୍‌ଆଇ ମାଖନ ହାଲଦାର, ସୁନାଧର କିଷାନୀ ଏବଂ କର୍ମଚାରୀ ସାମିଲ ଥିଲେ।

### ବାଇକ୍ ଧକ୍କାରେ ଜଣେ ମୃତ

ଚିକିଟି,୧୧।୫(ଡି.ଏନ.ଏ.)-କେ. ନୂଆଗାଁ ଥାନା ଚିକିଟି ଫାଣ୍ଡି ଅନ୍ତର୍ଗତ ବାହିନୀପତି ଗ୍ରାମ ନିକଟରେ ବୁଧବାର ଏକ ଅଜଣା ବାଇକ ଧକ୍କାରେ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ରାମପୁର ଗ୍ରାମର ମିଟୁ ଗୌଡ଼। ମଙ୍ଗଳବାର ରାତିରେ ମିଟୁ ନିଜ ଘରକୁ ଫେରୁଥିବା ବେଳେ ବାହିନୀପତି ଗ୍ରାମ ନିକଟରେ ଏକ ବାଇକ ଆସି ଧକ୍କା ହେବା ଫଳରେ ମିଟୁ ଗୁରୁତର ହୋଇଥିଲେ। ତାଙ୍କୁ ତୁରନ୍ତ ଚିକିଟି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ବ୍ରହ୍ମପୁର ବଡମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ବୁଧବାର ଚିକିତ୍ସାଧୀନ ଅବସ୍ଥାରେ ମିଟୁଙ୍କ ମୃତ୍ୟୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରଙ୍କୁ ହସ୍ତାନ୍ତର କରାଯାଇଛି।

# ତ୍ରୁଟିପୂର୍ଣ୍ଣ ବ୍ୟବସ୍ଥା ମଧ୍ୟରେ ଆବାସ ଯୋଜନା ହିତାଧିକାରୀ

■ଜମିଜମାକୁ ନେଇ ଅଧାରେ ଅଟକିଲା ନିର୍ମାଣ କାମ

■କୁମ୍ଭାର କାମ କରି କରଜ ଶୁଝିବା ହେଲାଣି କଷ୍ଟସାଧ

ନବରଙ୍ଗପୁର,୧୧।୫(ବି.ପ୍ର.)– ରାଜ୍ୟ ଓ କେନ୍ଦ୍ର ସରକାର ଲୋକଙ୍କ କଲ୍ୟାଣ ପାଇଁ ବିଭିନ୍ନ ଯୋଜନା କରିଛନ୍ତି। କେତେକ କ୍ଷେତ୍ରରେ ପରିଚାଳନାଗତ ତ୍ରୁଟି, ତଦାରଖର ଅଭାବ ଓ ମଧ୍ୟସ୍ଥିଙ୍କ ହସ୍ତକ୍ଷେପ ଯୋଗୁ ଅନେକ ଜନ ହିତକର ଯୋଜନାର ସୁଫଳ ମିଳୁନି। ନବରଙ୍ଗପୁର ବ୍ଲକ ଚଟାହାଣ୍ଡି ପଞ୍ଚାୟତ ସଦର ଅଞ୍ଚଳରେ ଏହାର ନଗ୍ନ ଚିତ୍ର ଦେଖିବାକୁ ମିଳିଛି। ଆବାସ ଯୋଜନାରେ ହିତାଧିକାରୀ ଘର ନିର୍ମାଣ ପାଇଁ ପ୍ରଥମ କିସ୍ତି ଅନୁଦାନ ସହ କାର୍ଯ୍ୟାଦେଶ ପାଇଲେ। ଏହାପରେ ଅନୁଦାନ ମିଳିବା ଦୁର କଥା ଏବେ ଉକ୍ତ ଜମିରୁ ଓହରି ଯିବାକୁ କହୁଛନ୍ତି। ଏହାକୁ ନେଇ ହିତାଧିକାରୀ ଚିନ୍ତାରେ ଥିବା ଅଭିଯୋଗ କରିଛନ୍ତି। ସମସ୍ୟା ନେଇ ୮ ହିତାଧିକାରୀ ଚଳିତ ବର୍ଷ ଜାନୁୟାରୀ ୧୭ ରେ ରାସ୍ତାରୋକୋ କରି ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ତଥାପି କୌଣସି ସୁଫଳ ମିଳି ନ ଥିବା ସେମାନେ କହିଛନ୍ତି।

ଚଟାହାଣ୍ଡିର ପଟେଲ କୁମ୍ଭାର ଏବଂ ପଦ୍ମା କୁମ୍ଭାର ଦୁଇଙ୍କୁ ୨୦ ହଜାର ଟଙ୍କା ପ୍ରଥମ କିସ୍ତି ସହ ଆବାସ ଯୋଜନାରେ ଘର ନିର୍ମାଣ ପାଇଁ କାର୍ଯ୍ୟାଦେଶ ୨୦୧୮–୧୯ ବର୍ଷରେ ଦିଆଯାଇଛି। ଦୁହେଁ ଲିଣ୍ଟେଲ ଲେବେଲ ପର୍ଯ୍ୟନ୍ତ ଗୃହ ନିର୍ମାଣ କଲେ। ହେଲେ ଦ୍ୱିତୀୟ କିସ୍ତି ଅନୁଦାନ ଆସିଲା ନାହିଁ। ଏ ନେଇ ବ୍ଲକ ଓ ପଞ୍ଚାୟତରେ ପଚାରି ବୁଝିଥିଲେ। ସେତେବେଳେ ଯେଉଁ ସ୍ଥାନରେ ଘର ନିର୍ମାଣ ହେଉଛି ତାହା ସରକାରୀ ଜମି। ଏ ନେଇ ଆଉ ଆନୁଦାନ ମିଳୁନାହିଁ ବୋଲି ସେତେବେଳେ କୁହାଗଲା। ଦୀର୍ଘ ୪୦ ବର୍ଷ ହେବ ଘର ନିର୍ମାଣ ସ୍ଥାନରେ ପରିବାର ସହ ରହି ଅସୁଥିଲେ। କାର୍ଯ୍ୟାଦେଶ ପାଇବା ପରେ ଘର ତୁରନ୍ତ ତିଆରି କରିବା ପାଇଁ କହିଲେ। ଘର କାମ ଏବେ ଯାହାବି ହୋଇଛି ଦିତୀୟ କିସ୍ତି ମିଳିଯାଇ ଥାଆନ୍ତା। ଧାର କରଜ କରି ଘର କାମ କଲେ। ଏବେ ଯେତେ ଜଣାଇଲେ ମଧ କେହି ଶୁଣୁ ନାହାନ୍ତି ବୋଲି ପଦ୍ମା କହିଛନ୍ତି। କୁମ୍ଭାର ପରିବାର ହୋଇଥିବାରୁ ବିଭିନ୍ନ ମାଟି ପାତ୍ର ତିଆରି କରି ହାଟ, ବଜାରରେ ବିକ୍ରି କରି ପରିବାର ଚଳାନ୍ତି। ଏଥିରୁ କରଜ ଟଙ୍କା ଶୁଝିବା କଷ୍ଟକର ହେଲାଣି ବୋଲି ସେ କହିଛନ୍ତି। ଦ୍ୱିତୀୟ କିସ୍ତି ଟଙ୍କା ମଧ ମିଳୁ ନ ଥିବାରୁ ଘର ଅଧା ନିର୍ମାଣ ଅବସ୍ଥାରେ ରହିଛି। ସେହିଭଳି ମତାଇ ଭାତରାଙ୍କୁ ମଧ ୩ ବର୍ଷ ହେଲା କାର୍ଯ୍ୟାଦେଶ ସହ ପ୍ରଥମ କିସ୍ତି ୨୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ସେ ମଧ ସରକାରୀ ଜମିରେ ଘର କରି ରହିଥିବାରୁ ସେଠାରେ ଘର ତିଆରି କରି ରହିପାରିବେ ନାହିଁ ବୋଲି କୁହାଗଲା। ଫଳରେ ସେ ଘର ତିଆରି କରିପାରି ନ ଥିବା କହିଛନ୍ତି। ସରକାର ଭୂମିହୀନଙ୍କୁ ଘରଡିହ ଯୋଗାଉଥିବା ବେଳେ ଏମାନେ ଏଥିରୁ ବଞ୍ଚିତ ହୋଇଥିବା ଅଭିଯୋଗ କରିଛନ୍ତି।

ସୂଚନାଯୋଗ୍ୟ, ଆବାସ ଯୋଜନାରେ ହିତାଧିକାରୀଙ୍କୁ ଘର ଯୋଗାଇବା ପୂର୍ବରୁ ଉପଯୁକ୍ତ ହିତାଧିକାରୀ ଚୟନ କରାଯାଇଥାଏ। ଏ ନେଇ ସର୍ଭେ ମଧ କରାଯାଉଛି। ହିତାଧିକାରୀ ଚୟନ ପରେ ଦିନ ଧାର୍ଯ୍ୟ କରି ନିର୍ବାଚିତ ପ୍ରତିନିଧି ତଥା ଏମ୍‌ପି, ବିଧାୟକ, ଜିଲା ପରିଷଦ ଅଧ୍ୟକ୍ଷ, ବ୍ଲକ ଅଧ୍ୟକ୍ଷ ଓ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଉଛି । ଜଣେ ହିତାଧିକାରୀଙ୍କ ସମସ୍ତ ଜମିଜମା କାଗଜ ପତ୍ର ଦେଖିବା ପଞ୍ଚାୟତ ସ୍ତରୀୟ ଅଧିକାରୀଙ୍କ ଦାୟିତ୍ୱ ରହୁଛି। ସମସ୍ତ ଯାଞ୍ଚ ପରେ ସରକାରଙ୍କ ବିଭିନ୍ନ ନିୟମାବଳୀ ଅନୁଯାୟୀ ଆବାସ ଯୋଜନାରେ ଘର ଯୋଗାଇ ଦିଆଯାଉଛି। ତେବେ ଏଠାରେ ହିତାଧିକାରୀଙ୍କୁ ସରକାରୀ ଜମି କହି ଦ୍ୱିତୀୟ କିସ୍ତି ପ୍ରଦାନ କରାଯାଉନାହିଁ। ତେବେ କାଗଜପତ୍ର ଯାଞ୍ଚବେଳେ ଏ ସବୁ କାହିଁକି ସ୍ପଷ୍ଟ ହୋଇପାରୁନି ତାହାକୁ ନେଇ ପ୍ରଶ୍ନ ଉଠିଛି। ଚଟାହାଣ୍ଡି ପଞ୍ଚାୟତ ସଦର ଏକ ରାଜସ୍ୱ ଗାଁ ହୋଇଥିବା ବେଳେ ୨୯ଟି ପଡ଼ା ଗାଁ ରହିଛି। ଏହି ପଞ୍ଚାୟତରେ ୩ ବର୍ଷ ମଧ୍ୟରେ ୪୦ ହିତାଧିକାରୀଙ୍କ ଘର ଆଧାପନ୍ତରିଆ ପଡ଼ିଛି। ଆବାସ ଗୃହ ନିର୍ମାଣ କାର୍ଯ୍ୟରେ ମଧ୍ୟସ୍ଥି ମାନଙ୍କ ହସ୍ତକ୍ଷେପ ଓ ପ୍ରଶାସନିକ ପରିଚାଳନାରେ ତ୍ରୁଟି ଯୋଗୁ ହିତାଧିକାରୀମାନେ ସମସ୍ୟା ଭୋଗୁଥିବା ଅଭିଯୋଗ ହେଉଛି। ଏ ନେଇ ଜିଲାପାଳ ଓ ଡିଆର୍‌ଡିଏ ପିଡି ଗୁରୁତ୍ୱ ଦେବାକୁ ଦାବି ହେଉଛି। ତେବେ ଜିଓ ଟ୍ୟାଗ୍ ଦାୟିତ୍ୱରେ ଥିବା ଗ୍ରାମ ରୋଜଗାର ସେବକ ଜଗବନ୍ଧୁ ଭତରାଙ୍କୁ ପଚାରିବାରୁ ସେ କହିଛନ୍ତି, ପଟେଲ କୁମ୍ଭାର, ପଦ୍ମା କୁମ୍ଭାର ଓ ମତାଇ ଭତରା ଯେଉଁ ସ୍ଥାନରେ ଘର କରି ରହିଛନ୍ତି ତାହା ସରକାରଙ୍କ ଖାତାରେ ଗୋଚର ଜମି ଭାବେ ରହିଛି । ସେଥିପାଇଁ ଅନୁଦାନ ପାଇବା ଓ ଘର ନିର୍ମାଣରେ ସମସ୍ୟା ସୃଷ୍ଟି ହୋଇଛି। ଅନ୍ୟତ୍ର ପଞ୍ଚାୟତ ଅଧୀନରେ ଏ ପର୍ଯ୍ୟନ୍ତ ୪୦ ଘର ଆଧା ନିର୍ମାଣ ହୋଇପଡ଼ିଛି ବୋଲି ସେ କହିଛନ୍ତି।



ଅର୍ଦ୍ଧନିର୍ମିତ ଗୃହ ନିକଟରେ ପଟେଲ କୁମ୍ଭାର ଓ ତାଙ୍କ ସ୍ତ୍ରୀ।

# ଆଦର୍ଶ ଶିକ୍ଷକଙ୍କୁ ରାଜ୍ୟସ୍ତରୀୟ ଶିକ୍ଷକ ରତ୍ନ ସମ୍ମାନ




ଅତିଥିମାନେ ଦିଲୀପଙ୍କୁ ସମ୍ମାନିତ କରୁଛନ୍ତି।

**ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ଅଭୀପ୍ସାର ରୌପ୍ୟ ଜୟନ୍ତୀ**

ପଦ୍ମପୁର,୧୧।୫(ଡି.ଏନ୍.ଏ.) କଟକସ୍ଥିତ ଓଡ଼ିଶାର ଅଗ୍ରଗାମୀ ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ 'ଅଭିପ୍ସା'ର ରୌପ୍ୟ ଜୟନ୍ତୀ ରବିବାର ପାଳିତ ହୋଇଯାଇଛି। ଏଥିରେ ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ ଉପର-ଜୁମୁରୁଗୁଡ଼ା ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଦିଲୀପ କୁମାର କରଙ୍କୁ ଓଡ଼ିଆ ସାହିତ୍ୟର ବର୍ଣ୍ଣମାଳା ପରିଚୟ ତଥା ଆଦର୍ଶ ଶିକ୍ଷକ ଭାବେ ସମ୍ମାନିତ କରାଯାଇଛି। ଅନୁଷ୍ଠାନର ସମ୍ପାଦକ ସଂଗ୍ରାମ କେଶରୀ ନାୟକ ଓ ମାନସୀ ଦାସ ଦିଲୀପଙ୍କୁ ରାଜ୍ୟସ୍ତରୀୟ ଶିକ୍ଷକ ରତ୍ନ ସମ୍ମାନରେ ସମ୍ମାନିତ କରିଛନ୍ତି।

ସୂଚନାଯୋଗ୍ୟ, ଶିକ୍ଷକ ଦିଲୀପଙ୍କ ପ୍ରେରଣାରେ ଅଦ୍ୟାବଧି ଅନେକ ଛାତ୍ରୀଛାତ୍ର ଡାକ୍ତର, ଇଞ୍ଜିନିୟର, ଓଏଏସ୍ ଏବଂ ବୈଜ୍ଞାନିକ ହୋଇଛନ୍ତି। ଏହା ବ୍ୟତୀତ ଦିଲୀପ ଜଣେ ପ୍ରକୃତି ପ୍ରେମୀ ରୂପେ ପରିଚିତ। ଆଇଓବି ପ୍ରାଥମିକ ବିଦ୍ୟାଳୟରେ ନିଜେ ଚାରାରୋପଣ କରି ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ପରିବେଶ ସୁରକ୍ଷା ବିଷୟରେ ସଚେତନ କରାଇଥିବାରୁ ୨୦୧୩ରେ ତତ୍କାଳୀନ ଜିଲାପାଳ, ପଦ୍ମପୁର ସରପଞ୍ଚ ଓ ଜଙ୍ଗଲ ବିଭାଗୀୟ ଅଧିକାରୀ ଉକ୍ତ ବିଦ୍ୟାଳୟକୁ ପ୍ରକୃତି ମିତ୍ର ପୁରସ୍କାର ସ୍ୱରୂପ ୧୦,୦୦୦ ଟଙ୍କା ପ୍ରଦାନ କରିଥିଲେ। ଏବେ ମଧ୍ୟ କ୍ୱାର୍ଟର୍ସ ଆଗରେ ବିସ୍କୁଟ ଖୋଳ, ଭଙ୍ଗା ପ୍ଲାଷ୍ଟିକ ବୋତଲରେ ବିଭିନ୍ନ ଚାରା ଫଳ ଓ ଔଷଧୀୟ ଚାରାରୋପଣ କରି ବିନା ମୂଲ୍ୟରେ ଲୋକଙ୍କୁ ଯୋଗାଉଛନ୍ତି। ଏମିତିକି ବିଦ୍ୟାଳୟରେ ଗଣନକ ଯନ୍ତ୍ର ତିଆରି କରି ତତ୍କାଳୀନ ବିଆର୍‌ସିସି ଜଗନ୍ନାଥ ପଟ୍ଟନାୟକ ଓ ଶିକ୍ଷା ବିଭାଗୀୟ ନିର୍ଦ୍ଦେଶକଙ୍କ ଦାରା ଉଚ୍ଚ ପ୍ରଶଂସିତ ହୋଇଥିଲେ।

ଦିଲୀପଙ୍କ ଅନେକ ଲେଖା ମଧ ବିଭିନ୍ନ ପତ୍ର ପତ୍ରିକା ଓ ପୁସ୍ତକରେ ସ୍ଥାନ ପାଇଛି । ନିଜସ୍ୱ ଉଦ୍ୟମରେ ବର୍ଣ୍ଣମାଳା-୧ ଓ ବର୍ଣ୍ଣମାଳା-୨ ନାମକ ୨ଟି ପୁସ୍ତକ ଲେଖି ୨୦୧୭ ରେ ଓଡ଼ିଆ ଭାଷା ପ୍ରତିଷ୍ଠାନର ତତ୍କାଳୀନ ନିର୍ଦ୍ଦେଶକ ତମସା ରାଣୀ ଦାସ ମହାପାତ୍ର, ବିଷମକଟକ ଡିଆଇଟିର ପ୍ରିନ୍ସିପାଲ ଯୁଗଳ କିଶୋର ମିଶ୍ର ଓ ତତ୍କାଳୀନ ପଦ୍ମପୁର ବିଇଓ ତଥା ଏବେକାର ବରଗଡ଼ର ଏବିଇଓ ରାଧାକାନ୍ତ ଛତ୍ରୀଙ୍କ ଦ୍ୱାରା ପ୍ରଶଂସିତ ହୋଇଛନ୍ତି।

# ବିଦେଶୀ ବୋତଲରେ ବିକ୍ରି ହେଉଥିଲା ହାତ ତିଆରି ମଦ

**ବେଆଇନ ମଦ କାରଖାନାରେ ଚଢ଼ାଉ, ୨ ଗିରଫ**

**ରାୟଗଡ଼ା ଅଫିସ,୧୧।୫–** ରାୟଗଡ଼ା ସହରରେ ଚାଲିଥିଲା ବେଆଇନ ବିଦେଶୀ ମଦ ତିଆରି କାରବାର। ପୁରୁଣା ବିଦେଶୀ ମଦ ବୋତଲରେ ହାତ ତିଆରି ମଦ ଭର୍ତ୍ତି କରି ବିକ୍ରି କରାଯାଉଥିଲା। ଖବର ପାଇ ଅବକାରୀ ବିଭାଗ ଟିମ୍ ବୁଧବାର ଚଢ଼ାଉ କରି ବେଆଇନ ମଦ କାରଖାନାରୁ ୨ ସମ୍ପୃକ୍ତଙ୍କୁ ଗିରଫ କରିବା ସହ ୧୫ ଲିଟର ମଦ ଏବଂ ମଦ ପ୍ୟାକିଂରେ ବ୍ୟବହୃତ ସାମଗ୍ରୀ ଜବତ କରିଛି।

ରାଜ୍ୟ ଅବକାରୀ ଆୟୋଗ ନିର୍ଦ୍ଦେଶରେ ଏବଂ ଜିଲା ଅବକାରୀ ଏସ୍‌ପି ନିନା ବେଉରିଆଙ୍କ ନେତୃତ୍ୱରେ ସଦର ଥାନା ଭାରପ୍ରାପ୍ତ ଅଧିକାରୀ ସୂର୍ଯ୍ୟ ନାରାୟଣ ରଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନେହେରୁନଗର ପ୍ରଥମ ଗଳି ନିକଟ ବେଆଇନ ମଦ କାରଖାନାରେ ଚଢ଼ାଉ କରାଯାଇଥିଲା। ତେବେ ଅଭିଯୁକ୍ତମାନଙ୍କ ବିଷୟରେ ବିଭାଗ ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ।



ଗିରଫ ଦୁଇ ଅଭିଯୁକ୍ତ, ଜବତ ମଦ ଓ ମଦ ତିଆରି ସାମଗ୍ରୀ।

# ୬୦ ଲିଟର ଦେଶୀମଦ ଜବତ, ୨ ଗିରଫ

ରାଇଘର,୧୧।୫(ଡି.ଏନ୍.ଏ.)– ଅବକାରୀ ବିଭାଗ ପକ୍ଷରୁ ରାଇଘର ବ୍ଲକର ଛତିଶଗଡ଼ ସୀମାନ୍ତ ଅଞ୍ଚଳ ଗୁହାରମୁଣ୍ଡି, ଗୋନା, ହଳଦୀ, ଅଞ୍ଚଳା ଗଡ଼ିପାରା ପ୍ରଭୃତି ଅଞ୍ଚଳରେ ଚଢ଼ାଉ କରି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଦୁହେଁ ହେଲେ ଅଞ୍ଚଳା ଗୁଡ଼ିପାରା ଗ୍ରାମର ଗୋମତୀ ଗଣ୍ଡ ଓ ଗହରମୁଣ୍ଡି ଗ୍ରାମର ମାହାରୀନ ଗଣ୍ଡ। ସେମାନଙ୍କ ନିକଟରୁ ୬୦ ଲିଟର ଦେଶୀ ମହୁଲ ମଦ ଓ ୫ଶହ ଲିଟର ମହୁଲ ପୋଚ ଜବତ କରାଯାଇ ନଷ୍ଟ କରାଯାଇଛି। ନବରଙ୍ଗପୁର ଜିଲା ଅବକାରୀ ଏସ୍‌ପି ସନ୍ତୋଷ କୁମାର ଧଳସାମନ୍ତଙ୍କ ନିର୍ଦ୍ଦେଶ କ୍ରମେ ଓ ଅବକାରୀ ଇନ୍ସପେକ୍ଟର ହରିହର ସିଂଙ୍କ ତତ୍ତ୍ୱାବଧାନରେ ଅବକାରୀ ଭାରପ୍ରାପ୍ତ ଅଧିକାରୀ କୁଶ ଜାଲଙ୍କ ପରିଚାଳନାରେ ଚଢ଼ାଉ କରାଯାଇଥିଲା। ଏଏସ୍‌ଆଇ ସୁନାଧର କିସାନୀ, ମାଖନ ହାଲଦାର୍, ସୁରେନ୍ଦ୍ର ନାଥ ପଣ୍ଡା, ଜ୍ୟୋତ୍ସ୍ନା ହରିଜନ, କାଳିମଣି ମୁଦୁଲି ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ ।

# କନ୍ୟକା ପରମେଶ୍ୱରୀଙ୍କ ଜନ୍ମ ଉତ୍ସବ ପାଳିତ

ମୁନିଗୁଡ଼ା,୧୧।୫(ଡି.ଏନ୍.ଏ.) ରାୟଗଡ଼ା ଜିଲା ମୁନିଗୁଡ଼ା ବ୍ଲକ ମୁନିଖୋଲସ୍ଥିତ କନ୍ୟକା ପରମେଶ୍ୱରୀ ମନ୍ଦିର ପରିସରରେ ଭାସାବି କଳିଙ୍ଗ ବୈଶ୍ୟ ସଂଘ ପକ୍ଷରୁ କନିକା ପରମେଶ୍ୱରୀ ଦେବୀଙ୍କ ଜନ୍ମ ଜୟନ୍ତୀ ଉତ୍ସବ ବୁଧବାର ପାଳିତ ହୋଇଯାଇଛି।

କଳିଙ୍ଗ ବୈଶ୍ୟ ସଂଘର ସଭାପତି କେ. ସତ୍ୟନାରାୟଣ ରାଓ ବାବୁଜି ଓ ଯୁବକ ସଂଘର ସଭାପତି ଟି. ଅଶୋକ କୁମାରଙ୍କ ମିଳିତ ସଂଯୋଜନାରେ ମୁନିଖୋଲ ନଦୀରୁ ବହୁ ସଂଖ୍ୟାରେ ମହିଳାଙ୍କ ଦ୍ୱାରା କଳସ ଶୋଭାଯାତ୍ରା ଯାତ୍ରା କରାଯାଇଥିଲା । ପରେ ପୁରୋହିତ ସୋମନାଥ ପାତ୍ରଙ୍କ ପୌରହିତ୍ୟରେ ରୀତିନୀତି ଅନୁଯାୟୀ ମାଁଙ୍କ ନିକଟରେ ପୂଜାର୍ଚ୍ଚନା ପରେ ସଂଘର ସଦସ୍ୟ ଓ ମହିଳା ସଦସ୍ୟଙ୍କ ଦ୍ୱାରା ମାଁ ଙ୍କ ପ୍ରତିମୂର୍ତ୍ତିକୁ ପାଲିଙ୍କିରେ ସଜାଇ ପାରମ୍ପରିକ ବାଦ୍ୟ ମନ୍ଦିର ପରିସରରୁ ବାହାରି ସହର ପରିକ୍ରମା କରାଯାଇଥିଲା। ପରିକ୍ରମା ପରେ ମାଁଙ୍କ ପ୍ରତିମୂର୍ତ୍ତି ମନ୍ଦିରକୁ ଫେରିଥିଲେ। ଦିନ ତମାମ ମନ୍ଦିର ପରିସରରେ ଭଜନ ସଙ୍କୀର୍ତ୍ତନ, ହୋମଯଜ୍ଞ, କୁଙ୍କୁମ ପୂଜା, ପ୍ରବଚନ ଆଦି ଅନୁଷ୍ଠିତ ହୋଇଥିଲା। ମଧ୍ୟାହ୍ନରେ ଅର୍ଣ୍ଣ ପ୍ରସାଦର ଆୟୋଜନ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ କଳିଙ୍ଗ ବେଶ୍ୟ ସଂଘର ସମ୍ପାଦକ ୱାଇ. ବୈକୁଣ୍ଠ ରାଓ, କୋଷାଧ୍ୟକ୍ଷ ଜେ. ଭେଙ୍କଟେ ରାବଣା, କେ. ଶ୍ରୀନିବାସ, ଯୁବକ ସଂଘର ଉପ ସଭାପତି ଜି. ଚୈତନ୍ୟା, କୋଷାଧ୍ୟକ୍ଷ ଜି. ଓମ୍‌କାର ପ୍ରମୁଖ ପରିଚାଳନା ଓ ସହଯୋଗ କରିଥିଲେ।

# ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

ରାଇଘର,୧୧।୫(ଡି.ଏନ୍.ଏ.) ନବରଙ୍ଗପୁର ଜିଲା ରାଇଘର ବ୍ଲକ କୁନ୍ଦେଇ ଅଞ୍ଚଳକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ତଥା ରାଇଘର ଠାରୁ ୨ କି.ମି ଦୂର ଡୁମରଡିହି ଛକ ନିକଟରେ ମଙ୍ଗଳବାର ରାତିରେ ଦୁର୍ଘଟଣାରେ ଜଣେ ବାଇକ ଆରୋହିଙ୍କ ମୃତ୍ୟୁ ଘଟିଛି। ସେ ହେଲେ କଳାହାଣ୍ଡି ଜିଲା ଭବାନୀପାଟଣା ଅଞ୍ଚଳର ସଞ୍ଜୟ ମହାରଣାଙ୍କ ପୁଅ ଗୋପାଳ।

ଘଟଣାରୁ ପ୍ରକାଶ, ରାସ୍ତା ପାର୍ଶ୍ୱରେ କେତୋଟି ଗଛ କାଟି ରଖାଯାଇଥିଲା। ଉକ୍ତ ଗଛର କାଠ ଗଣ୍ଡି ସହ ଧକ୍କା ହୋଇ ଗୋପାଳଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଏଥିରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଗୋପାଳଙ୍କ ମୃତଦେହ ଏବଂ ବାଇକ(ଓଡି ୦୮ ଆର୍ ୧୯୯୦) ସକାଳ ପର୍ଯ୍ୟନ୍ତ ଘଟଣାସ୍ଥଳରେ ପଡ଼ି ରହିଥିଲା। ସକାଳେ ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ତେବେ ଗଛ କାଟି ରାସ୍ତାରେ କିଏ ପକାଇଥିଲେ ଏବଂ ଦୁର୍ଘଟଣାର କାରଣ ସ୍ପଷ୍ଟ ହୋଇନାହିଁ। ସ୍ଥାନୀୟ ପୋଲିସ ପହଞ୍ଚି ମୃତଦେହ ଏବଂ ବାଇକ ଜବତ କରି ତଦନ୍ତ ଚଲାଇଛି। ମୃତ ଗୋପାଳ କୋରାପୁଟ ଜିଲାର ଜୟପୁର ଠାରେ ରହି କାର୍ଯ୍ୟ କରୁଥିବା ବେଳେ କୌଣସି କାମରେ ରାଇଘର ଆସିଥିଲେ ବୋଲି ଜଣାପଡ଼ିଛି। ଏ ନେଇ ରାଇଘର ଥାନାରେ ୯୩/୨୨ ରେ ଏକ ମାମଲା ରୁଜୁ ହୋଇଛି।

# ଡମ୍ବସରା କଲେଜରେ କ୍ୟାରିୟର କାଉନ୍‌ସେଲିଂ କାର୍ଯ୍ୟକ୍ରମ

**ନିଯୁକ୍ତି ପାଇବା ସହଜ ହେବ**

ଗୁଣପୁର,୧୧।୫(ଡି.ଏନ୍.ଏ.) ରାୟଗଡ଼ା ଜିଲା ଗୁଣପୁର ବ୍ଲକ ଡମ୍ବସରା ଡିଗ୍ରୀ କଲେଜରେ ବୁଧବାର କ୍ୟାରିୟର କାଉନ୍‌ସେଲିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମପୁରସ୍ଥିତ ବାନିକ୍ ଏଜୁକେସନ ସଂସ୍ଥାର ତାଲିମ ପ୍ରାପ୍ତ ଅଧ୍ୟାପକ ଅମନ କୁମାର ଦଳେଇ ଏବଂ ମାର୍କେଟିଂ ମ୍ୟାନେଜର ତୁଷାର କାନ୍ତ ଦାସ ଉଭୟ ସରକାରୀ କ୍ଷେତ୍ରରେ ନିଶ୍ଚିତ କର୍ମ ଯୋଜନା ଏବଂ ସ୍ନାତକ ପରବର୍ତ୍ତୀ ନିଯୁକ୍ତି ଅନୁସନ୍ଧାନର ଦିଗଦର୍ଶନ ପ୍ରଦାନ କରିଥିଲେ।

ଛାତ୍ରୀଛାତ୍ର ମାନଙ୍କୁ ନେଇ ଏକ ପ୍ରତିଯୋଗିତା ମୂଳକ ପରୀକ୍ଷାର ଆୟୋଜନ ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ। ଏଥିରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କୁ ଶତ ପ୍ରତିଶ୍ରୁତ ଦେୟମୁକ୍ତ ପ୍ରଶିକ୍ଷଣ ଦେବା ପାଇଁ ଆଶା ସଞ୍ଚାର କରିଥିଲେ। ଏହିଭଳି କାର୍ଯ୍ୟକ୍ରମ ବହୁବାର କଲେଜ ସ୍ତରରେ ହେବା ଫଳରେ ନୂତନ ନିଯୁକ୍ତି ପଦ୍ଧତିର ସୁଯୋଗ ବିଶେଷକରି ରେଲୱେ, ବ୍ୟାଙ୍କିଂ, ଏସ୍‌ଏସ୍‌ସି, ଓପିଏସ୍‌ସି, ୟୁପିଏସ୍‌ସି, ସିଜିଏଲ, ଆଇବିପିଏସ୍ ଏବଂ ଏମ୍‌ଏନ୍‌ସି ଗୁଡ଼ିକରେ ପାଇବା ସହଜ ସାଧ ହେବ। କାର୍ଯ୍ୟକ୍ରମରେ କଲେଜର ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ପଣ୍ଡା, ରାଜନିତି ବିଜ୍ଞାନର ମୁଖ୍ୟ ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ମାଝି, ଭାଷା, ସାହିତ୍ୟ ବିଭାଗର ମୁଖ୍ୟ ଅଧ୍ୟାପକ ରାମକୃଷ୍ଣ ସେନାପତି, ଇଂଲିଶ ବିଭାଗର ମୁଖ୍ୟ ଶ୍ରୀକାନ୍ତ ରଥ, ଶିକ୍ଷା ବିଭାଗର ମୁଖ୍ୟ ରତିକାନ୍ତ ମିଶ୍ର ଏବଂ ଶିକ୍ଷା ପରିଦର୍ଶକ ହେମନ୍ତ କୁମାର ମଲିଫୁଲ, କ୍ରୀଡ଼ା ବିଭାଗର ଅଧ୍ୟାପକ ସୁମନ ଶବର, ଲାଇବ୍ରେରିଆନ ଗଣେଷ ମଲିଫୁଲ ଏବଂ କର୍ମଚାରୀମାନେ ଉପସ୍ଥିତ ରହି ପରିଚଳାନରେ ସହଯୋଗ କରିଥିଲେ।

# ବ୍ଲକସ୍ତରୀୟ ସହଭାଗିତା କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

**ପାପଡ଼ାହାଣ୍ଡି,୧୧।୫(ଡି.ଏନ୍.ଏ.)** ପାପଡ଼ାହାଣ୍ଡି ବ୍ଲକ ଶିରଶୀ ଶୀତଳ ଭଣ୍ଡାର ଠାରେ ହର୍ଷ ଟ୍ରଷ୍ଟ ପକ୍ଷରୁ ବୁଧବାର ପିଆର୍‌ଆଇ ସଭ୍ୟା ସଭ୍ୟଙ୍କୁ ନେଇ ବ୍ଲକ ସ୍ତରୀୟ ସହଭାଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ଜିଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ, ବ୍ଲକ ଅଧ୍ୟକ୍ଷା ହେମଲତା ମାଝି, ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ବ୍ଲକର ୨୩ ପଞ୍ଚାୟତର ନବ ନିର୍ବାଚିତ ସରପଞ୍ଚ ଓ ସମିତି ସଭ୍ୟ ଯୋଗ ଦେଇଥିଲେ। ହର୍ଷ ଟ୍ରଷ୍ଟ ସଂଯୋଜକ ମଦନ ମୋହନ ମହାନ୍ତିଙ୍କ ନେତୃତ୍ୱରେ ପଞ୍ଚାୟତ ଗୁଡ଼ିକରେ 'ଆମରି ଯୋଜନା ଆମରି ହାତରେ' ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ଏମ୍‌ଜିଏନ୍‌ଆର୍‌ଇଜିଏସ୍, ବଗିଚା ପ୍ରସ୍ତୁତି ତାଲିମ, ପଶୁଧନ ଟୀକାକରଣ, ସାମାଜିକ ସୁରକ୍ଷା, ଖରିଫ ଚାଷ ପ୍ରସ୍ତୁତି, ଜୈବିକ ଖତ ପ୍ରସ୍ତୁତି ତାଲିମ ବିଷୟରେ ପଞ୍ଚାୟତିରାଜ ସଦସ୍ୟ ମାନଙ୍କୁ ଅବଗତ କରାଯାଇଥିଲା।

# ଆତ୍ମନିର୍ଭର ହେବେ ଜିଲାର ଶିକ୍ଷିତ ଯୁବତୀ, ଯୁବକ

ନବରଙ୍ଗପୁର,୧୧।୫(ବି.ପ୍ର.) ନବରଙ୍ଗପୁର ଜିଲାର ଶିକ୍ଷିତ ଯୁବତୀ, ଯୁବକଙ୍କୁ ଆତ୍ମ ନିର୍ଭରଶୀଳ କରିବା ଉଦ୍ଦେଶ୍ୟରେ ଜିଲା ନିୟୋଜନ କାର୍ଯ୍ୟାଳୟ ପକ୍ଷରୁ ସ୍ଥାନୀୟ ପ୍ରଧାନ ମନ୍ତ୍ରୀ କୌଶଳ ବିକାଶ କେନ୍ଦ୍ରରେ ବୁଧବାର ଏକ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ କମଳ ଲୋଚନ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିଯୁକ୍ତି ମେଳାର ଉଦ୍‌ଘାଟନ କରିଥିଲେ।

ଜିଲାର ୧୮୦ ଶିକ୍ଷିତ ଯୁବତୀ, ଯୁବକ ଏଥିରେ ନିଜ ନାମ ପଞ୍ଜୀକରଣ କରିଥିଲେ। ସେଥିମଧ୍ୟରୁ ୧୨୮ ଜଣଙ୍କୁ ବିଭିନ୍ନ ବେସରକାରୀ ସଂସ୍ଥା, ଅନୁଷ୍ଠାନ ଦ୍ୱାରା ନିଯୁକ୍ତି ନିମନ୍ତେ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏଥିରେ ରାଜ୍ୟ ତଥା ରାଜ୍ୟ ବାହାରୁ ୮ ନିଯୁକ୍ତିଦାତା ଯୋଗ ଦେଇଥିଲେ। ଜିଲାର ଶିକ୍ଷିତ ଯୁବତୀ, ଯୁବକ କିପରି ବିଭିନ୍ନ କ୍ଷେତ୍ରରେ ନିଜର ଦକ୍ଷତା ପ୍ରଦର୍ଶନ କରି ଆତ୍ମନିର୍ଭରଶୀଳ ହୋଇପାରିବେ ସେ ବିଷୟରେ ପରାମର୍ଶ ଦେଇଥିଲେ।

ଆଗାମୀ ଦିନରେ ମଧ ଜିଲାରେ ନିଯୁକ୍ତି ମେଳା ଆୟୋଜନ କରି ଯୋଗ୍ୟ ଯୁବତୀ, ଯୁବକ କିପରି ଅଧିକ ନିଯୁକ୍ତି ସୁଯୋଗ ପାଇପାରିବେ ସେଥିପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଜିଲାପାଳ ଜିଲା ନିୟୋଜନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସମ୍ମାନିତ ଅତିଥି ରୂପେ ଡିଆର୍‌ଡିଏ ପିଡି ରତ୍ନାକର ସାହୁ ଯୋଗଦେଇ ଆଶାୟୀ ଯୁବତୀ, ଯୁବକମାନେ କିପରି ନିଜର ଦକ୍ଷତା ବିକାଶ କରିବା ସହ ରୋଜଗାର କ୍ଷମ ହୋଇପାରିବେ ସେ ବିଷୟରେ ପରାମର୍ଶ ଦେଇଥିଲେ। ଜିଲା ନିୟୋଜନ ଅଧିକାରୀ ତତ୍ତ୍ୱମସି ମହାପାତ୍ର ନିଯୁକ୍ତି ମେଳାର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମକୁ ଡିଆଇପିଆର୍‌ଓ ହଳଧର ନିଆଲ ପରିଚାଳନା କରିଥିଲେ। ଜିଲା ନିୟୋଜନ କାର୍ଯ୍ୟାଳୟ, ପ୍ରଧାନମନ୍ତ୍ରୀ କୌଶଳ ବିକାଶ କେନ୍ଦ୍ରର କର୍ମଚାରୀ ସହଯୋଗ କରିଥିଲେ।




ନିଯୁକ୍ତି ମେଳାରେ ଉପସ୍ଥିତ ଅତିଥିମାନେ।

**ନବରଙ୍ଗପୁରରେ ନିଯୁକ୍ତି ମେଳା**

